# ଭିନ୍ନ ଏକ ଟାଇଟାନିକ୍

ବଙ୍ଗୋପ ସାଗରର ବିସ୍ତୀର୍ଣ୍ଣ ଜଳରାଶିକୁ ନିର୍ନିମେଷ ନୟନରେ ଚାହିଁ ରହିଥାନ୍ତି କ୍ୟାପ୍‌ଟେନ୍ ଡ଼ାନିଏଲ୍ ପାତ୍ର । ଏ ସାଗର ଯେ ରତ୍ନଗର୍ଭା । ଅନେକ ବିଗତ ସ୍ମୃତିର ଗନ୍ତାଘର ଏଇ ସାଗର ତାଙ୍କର ବ୍ୟବସାୟିକ ଜୀବନର ଯେପରି ଗୋଟାଏ ଉନ୍ମେଷ । ଆଗରେ ଯେଉଁ ବିସ୍ତିର୍ଣ୍ଣ ଜଳରାଶି ତାହା ଯେପରି ଗୋଟିଏ ଈଶ୍ୱର ସୃଷ୍ଟ ୱାଟର ପେଣ୍ଟ ସ୍କେଚ୍ । ଜୀବନର ଏକ ଚାଳିଶିଟି ବସନ୍ତ ବିତୀତ ହୋଇଥିଲେ ମଧ୍ୟ କ୍ୟାପ୍‌ଟେନ୍ କେବେ ନିଜର ପରିବାର ସହିତ ଜଳଯାତ୍ରା କରିବାର ଅନୁଭୂତି ପାଇ ନଥିଲେ । ଏଥର କିନ୍ତୁ ସାଙ୍ଗରେ ସ୍ତ୍ରୀ ସ୍ମିତା, ଝିଅ ସୁଲଗ୍ନା ଏବଂ ପୁଅ ନିତିନକୁ ନେଇ ଆସିଥିବାରୁ କ୍ୟାପ୍‌ଟେନ୍ ପାତ୍ର ଗୋଟିଏ ଭାବବ୍ୟଞ୍ଜକ ସ୍ୱର ତୋଳି ଆସିଛନ୍ତି ଅନ୍ୟ ନାବିକ ମାନଙ୍କ ସମକ୍ଷରେ । ଜଳ ଜାହାଜ 'ଫୟାଜର' ସେ କମାଣ୍ଡର । କ୍ୟାପ୍‌ଟେନ୍ ପାତ୍ରଙ୍କ ଭାଷାରେ 'ଜାହାଜ ହିଁ କମାଣ୍ଡରର ଜୀବନ ଏବଂ ତାର ଜୀବନର ପରିସମାପ୍ତି ହୁଏ ଯେତେବେଳେ ଜାହାଜଟି ଲୀନ ହୋଇଯାଏ ନୀଳ ସମୁଦ୍ର ମଧ୍ୟରେ ।' ତାଙ୍କର ଦେହରେ ଅସୀମ ବଳ । ମନରେ ଦୃଢ କାର୍ଯ୍ୟଶୀଳତାର ସ୍ପୃହା । ନୀଳିମାର ଘନ ବର୍ଣ୍ଣାଳୀ ପରିବ୍ୟାପ୍ତ ଏହି ବିଭୀଷିକାମୟ ସାଗରର ଅନନ୍ତ ବକ୍ଷରେ ତାଙ୍କର ଜୀବନର ଗୋଟିଏ ବଡ଼ ଭାଗ ବିତୀତ ହୋଇଯାଇଛି । ଚା'ପାନ ସମୟ ଉପଗତ । ତେଣୁ ସମସ୍ତେ ଜାହଜର ଡ଼କ୍ ଉପରେ ଏକତ୍ରିତ ହୋଇ ଚା' ପାନ ମଜା ଉଠାଇବା ପାଇଁ ଅନ୍ୟ ଅଫିସରମାନଙ୍କ ଗହଣରେ ପତ୍ନୀ ସ୍ମୀତା, ଝିଅ ଓ ପୁଅ ଆସି ଯାଇଛନ୍ତି । ପିଲାମାନଙ୍କର ବାରମ୍ବାର ପ୍ରଶ୍ନ ଯେ, ବାବା କେତେବେଳେ ଆମର ପ୍ରୟ ଜନ୍ମଭୂମି ପାରାଦୀପକୁ ଆମେ ଦେଖିପାରିବା ? ସମସ୍ତଙ୍କର ଚକ୍ଷୁର ସମକ୍ଷରେ ଦିଗନ୍ତ ଜଳଧି । ରତ୍ନଗର୍ଭା । କେତେବେଳେ ସୁଶାନ୍ତ ତ କେତେବେଳେ ଉଦ୍‌ବେଳିତ । ତାର ଅନନ୍ତ ବକ୍ଷରେ ଯେ କେତେକେତେ ଜଳତରୀ ସମାଧି ନେଇଛନ୍ତି ତାହା କେବଳ ଡାନିଏଲ୍ ପାତ୍ର ତାଙ୍କ ଅନୁଭୂତିରୁ ଜାଣି ପାରିଛନ୍ତି ।

ଯୁବ ମାନସରେ ବେଳେବେଳେ କାବ୍ୟିକ ପ୍ରତିଫଳନ ଆସେ, ମନର ବ୍ୟଞ୍ଜିତ ଛବିକୁ ବାକ୍ୟ ବିନ୍ୟାସରେ ଉପସ୍ଥାପିତ କରିବା ପାଇଁ । ରାଜୀବ ଅନ୍ୟ ଜଣେ ବରିଷ୍ଠ

ଅଫିସର କହି ଉଠିଲେ, ସାର୍ ! ଜୀବନଟା ଗୋଟିଏ ପିଚ୍ଛିଳ ରାସ୍ତା । ଗନ୍ତବ୍ୟ ପଥରେ ଖାଲଢିପ ରହିବା ସ୍ୱାଭାବିକ୍ । ହେଲେ ଦାମ୍ଭିକ ବ୍ୟକ୍ତି ନା ରାସ୍ତାର ଖାଲଢିପ ପାଇଁ ବ୍ୟଥିତ ହୁଏ ନା ଧୈର୍ଯ୍ୟହରା ହୋଇଥାଏ ବିପତ୍ତିର କରାଳ ଗର୍ତ୍ତ ମଧ୍ୟରେ । ଆପଣଙ୍କ ଉଦ୍ଦାମ ଧୈର୍ଯ୍ୟ ଆମକୁ ଅଶାନ୍ତ ସାଗର ମଧ୍ୟରେ କିପରି ଆତ୍ମପ୍ରତ୍ୟୟ ଦେଇଥିଲା ଏବଂ ଆମେ ରେଙ୍ଗୁନରୁ ଆସିବା ପରେ ଯେଉଁ ଝଡ଼ର ସମ୍ମୁଖୀନ ହୋଇଥିଲେ, ତାହା ଅଚିରେ ପାରହୋଇ ଗନ୍ତବ୍ୟ ପଥରେ ଅଗ୍ରସର ହୋଇପାରିଲେ । ମନୁଷ୍ୟ ତାର ଭାବନା ରାଜ୍ୟରେ ଭାସି ଅନେକ ଗଗନଚୁମ୍ବୀ ପ୍ରସାଦର ପରିକଳ୍ପନା ତାର ମନ ମଧ୍ୟରେ ଗଢିପକାଏ । ମାତ୍ର ଭାଗ୍ୟ ଦେବୀର ଯାହା ଇଚ୍ଛା ତାହାହିଁ ବାସ୍ତବରେ ରୂପ ନିଏ । ଡ଼ାନିଏଲ୍ ପାତ୍ର କହି ଉଠିଲେ ରାଜୀବ ! ଜୀବନଟା ପ୍ରକୃତରେ ଗୋଟାଏ ଜଳତରୀ । ଯେମିତି 'ଫୟାଜ' । ଅନେକ ବାଧାବିଘ୍ନ, ବତାସ, ଝଡ଼, ସାମୁଦ୍ରିକ ଅଗ୍ନିବଳୟ ମାନଙ୍କୁ ଖାତିର ନକରି ଗନ୍ତବ୍ୟ ପଥରେ ଆଗେଇ ଚାଲିଛି । କାଲି ହୁଏତ 'ଫୟାଜ' ପାରାଦୀପରେ ଲଙ୍ଗର ପକାଇବ ।

ଚା' ପାନ ବିରତି ପୂର୍ବରୁ ଜଣେ ନାବିକ ସଂଭ୍ରମତାର ସହିତ ପହଞ୍ଚି ଖବର ଦେଲା ଯେ, ଇଞ୍ଜିନ୍ ରୁମ୍‌ରେ ନିଆଁ ଲାଗିଯାଇଛି । ହଠାତ୍ ସମସ୍ତ ଆନନ୍ଦୋଲ୍ଲାସର ଯେପରି ଗୋଟାଏ ଭଟ୍ଟା ପଡ଼ିଗଲା ଏବଂ ସମସ୍ତେ ଇଞ୍ଜିନ୍ ରୁମ୍ ଅଭିମୁଖେ ଧାବମାନ ହେଲେ । ବ୍ୟସ୍ତ ବିବ୍ରତ କ୍ୟାପ୍‌ଟେନ ପାତ୍ର ଓ ରାଜୀବ ଦୁହେଁ ସମସ୍ତ ଚେଷ୍ଟାକରି ଅଗ୍ନି ନିର୍ବାପକ ଯନ୍ତ୍ର ଗୁଡ଼ିକର ପ୍ରୟୋଗ କରି ଚାଲିଲେ, ମାତ୍ର ଅଗ୍ନି ଯେପରି ନିର୍ବାପିତ ହେଉନାହିଁ । ବରଂ ଅନ୍ୟ ଅଂଶ ଆଡ଼କୁ ବ୍ୟାପ୍ତ ହେବାରେ ଲାଗିଲାଣି । ଅଗ୍ନିର ତୀବ୍ରତା ଏତେ ସମୁଜ୍ଜ୍ୱଳ ଯେ, ପାଖକୁ ଯିବା ଯେପରି ମୃତ୍ୟୁକୁ ଆହ୍ୱାନ କରିବା ସଙ୍ଗେ ସମାନ ।

ସାରା ସଂସାରଟା ଯେପରି ଗୋଟିଏ ଉଦ୍‌ବେଳିତ ଆଗ୍ନେୟଗିରି ମଧ୍ୟରେ ବିଲୁପ୍ତ ହୋଇଉଠିବ ଏବଂ ତା' ମଧ୍ୟରେ ଏ ସାମାନ୍ୟ ଜଳତରୀ 'ଫୟାଜ' ଯେ କେତେବେଳେ ଜଳିପୋଡ଼ି ପାଉଁଶ ହୋଇଯିବ ତାହା କ୍ୟାପ୍‌ଟେନ୍ ପାତ୍ରଙ୍କ ମନକୁ ବିବ୍ରତ କରି ପକାଇଲା । ପୋଡ଼ା ଗନ୍ଧରେ ପିଲାମାନେ ଏବଂ ନିଜେ ସ୍ମିତା ଦୁଇ ଦୁଇଥର ବାନ୍ତି କରିସାରିଲେଣି । ସେମାନଙ୍କର ଜିଜ୍ଞାସା ଯେ, ମମି ଆମେ କେତେବେଳେ ପାରାଦୀପରେ ପହଞ୍ଚିବା ? ମମି ନିଜର କୋହ ସମ୍ବରଣ କରି କହି ଉଠୁଥାନ୍ତି ବାବା ଶୋଇଯାଅ ଶୀଘ୍ର ଆମେ ସ୍ଥଳଭାଗ ଦେଖିପାରିବା । କ୍ୟାପ୍‌ଟେନ୍ ପାତ୍ର ସମସ୍ତ ନାବିକ ମାନଙ୍କୁ ଦମ୍ଭ ଦେଖାଇ ଅଗ୍ନିକୁ ଆୟତ କରିବା ପାଇଁ ନିର୍ଦ୍ଦେଶ ଦେଇ ଚାଲିଥାନ୍ତି ।

ଅନେକ ଜଳି ପୋଡ଼ି ଗଲେଣି ଏବଂ ବେଦନାଭରା କଣ୍ଠରେ ଅସହାୟତା ପ୍ରକାଶ କଲେଣି । କ୍ୟାପ୍‌ଟେନ୍‌ଙ୍କ ନିର୍ଦ୍ଦେଶରେ ଜୀବନତରୀ ଗୁଡ଼ିକୁ ଜଳକୁ ଛଡ଼ାଗଲା । ସମୁଦ୍ରବକ୍ଷରେ ଅନ୍ୟ ଜାହାଜ ପାଖକୁ ବାର୍ତ୍ତା ପଠାଇବାର ସମସ୍ତ ଚେଷ୍ଟା ବିଫଳ ହୋଇଯାଉଥିବାରୁ କ୍ୟାପ୍‌ଟେନ୍ ପାତ୍ର ବିବ୍ରତ ହୋଇ ଉଠୁଥାନ୍ତି । ଗୋଟିଏ ପାଖରେ ନିଜର କର୍ତ୍ତବ୍ୟ ଏବଂ ଅନ୍ୟ ପକ୍ଷରେ ତାଙ୍କର ପରିବାରର ନିରାପତ୍ତା ।

ଅନେକ ସମୟ ଧରି 'ଫୟାଜ'ର ଡକ୍ ଉପରେ ପଦଚାରଣ କରୁକରୁ ପଛକୁ ଅନାଇ ବ୍ୟସ୍ତ ବିବତ୍ର ହୋଇ ଉଠିଲେ କ୍ୟାପ୍‌ଟେନ୍ । ସେ ଯେ ତାଙ୍କ ଜୀବନର ଦଶଟି ବସନ୍ତ କଟାଇ ସାରିଛନ୍ତି ଏଇ ଫୟାଜର ବକ୍ଷରେ । ଅନେକ ସାମୁଦ୍ରିକ ଝଡ଼ର ସାମ୍ନାକରି ସେ ଫୟାଜକୁ ବୁଡ଼ିଯିବା ମୁହଁରୁ ଉଦ୍ଧାର କରିପାରିଛନ୍ତି । ମାତ୍ର ଆଜି ସେ ନିରସ୍ତ୍ର ହୋଇ ସାରିଲେଣି । ଯେପରି ଭାଗ୍ୟର ବିଡ଼ମ୍ବନା । ସେ ବିଶ୍ୱନିୟନ୍ତା ଈଶ୍ୱର ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ପ୍ରଣତି ଜଣାଇ ନିଜ କର୍ତ୍ତବ୍ୟର ଦୃଢ ଶପଥ ନେଇ ତାଙ୍କ ରୁମ୍ ଆଡ଼କୁ ଅଗ୍ରସର ହେଲେ ।

ଚାରିପଟେ ଅଖଣ୍ଡ ଜଳରାଶି। ଜଳର ପ୍ରୟୋଗରେ ଅଗ୍ନିର ନିର୍ବାପନ କରାଯାଇଥାଏ । ହୁଏତ ଆଜି ଫୟାଜ ଜଳ ମଧ୍ୟରେ ଜଳିପୋଡ଼ି ନିଃଶେଷ ହୋଇଯିବ । ଏହା ଭାଗ୍ୟର ବିଡ଼ମ୍ବନା ଛଡ଼ା ଆଉ କ'ଣ ହୋଇପାରେ ? ଦୂର୍ ଦିଗବଳୟ ପର୍ଯ୍ୟନ୍ତ ଯେଉଁଠାକୁ ଦେଖିଲେ ଆଖି ପାଏନାହିଁ । ଖାଲି ଜଳ ହିଁ ଜଳ । ତା ମଧ୍ୟରେ ଫୟାଜ ଗୋଟିଏ ଅଗ୍ନିପିଣ୍ଡ ପରି ନିଶ୍ଚିନ୍ନ ହୋଇଯାଇପାରେ ? ଏହା କ୍ୟାପ୍‌ଟେନ୍ ପାତ୍ରଙ୍କର ବିଶ୍ୱାସର ବାହାରେ ଥିଲା । ତାଙ୍କର ଆଦେଶରେ ସମସ୍ତ ନାବିକ ଜୀବନତରୀ ନେଇ ବଙ୍ଗୋପସାଗର ଜଳରାଶିକୁ ଛୁଇଁ ସାରିଲେଣି । ନା ପାଖରେ ଆଉ ଜୀବନତରୀ ଅଛି ଯେଉଁଥିରେ ସେ ଅନ୍ତତଃ ତାଙ୍କ ସ୍ତ୍ରୀ ଓ ପିଲାମାନଙ୍କୁ ପଠାଇପାରିଥାନ୍ତେ । ପିଲାମାନଙ୍କର ଅନେକ ଅନୁନୟ ବିନୟ ବୋଧହୁଏ ତାଙ୍କର କର୍ଣ୍ଣଗତ ହୋଇପାରୁନାହିଁ । ସେ ଯେପରି ଗୋଟାଏ ଭିନ୍ନ ଅଜାତଶତ୍ରୁ । ରାଜୀବଙ୍କୁ ଲାଇଫ୍ ଜ୍ୟାକେଟ୍ ପିନ୍ଧି ଜଳ ସମୁଦ୍ର ମଧ୍ୟକୁ ଲମ୍ଫ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଲେ କ୍ୟାପ୍‌ଟେନ ଡ଼ାନିଏଲ୍ ପାତ୍ର ! ରାଜୀବ କହିଲେ ସାର ! ମୋର ନିର୍ଦ୍ଦେଶ ପ୍ରଥମେ ତୁମେ ପାଳନକର । ତୁମେ କ'ଣ ଜାଣନା ଯେ, ଜଣେ କ୍ୟାପଟେନ୍ ଜିଏଁ ତାର ଜାହାଜକୁ ନେଇ ଓ ମରେ ତାର ଜାହାଜକୁ ନେଇ । ତେଣୁ ମୋର ଅଥବା ମୋର ପରିବାର ବିଷୟରେ ଚିନ୍ତା ନକରି ତୁମେ ଅନ୍ତତଃ ଜଳଧି ମଧ୍ୟକୁ ଲମ୍ଫ ପ୍ରଦାନ କର । ହୁଏତ ତୁମକୁ କାହିଁ କେବେ କେହି ଉଠାଇ

ନେଇ ଯାଇପାରିବ । ଆଉ ମୋ କଥା ? ମୁଁ ଯେ ମୋର ପିଲାମାନଙ୍କ ପାଖରେ ଏବଂ ସ୍ତ୍ରୀ ସାହଚର୍ଯ୍ୟରେ ପରମ ପ୍ରଶାନ୍ତି ମଧ୍ୟରେ ମୋର ନିଜ ଜାହାଜର କୋଳରେ ଅନନ୍ତ ନିଦ୍ରାରେ ଶୋଇଯିବି । ଏହା କହି କ୍ୟାପଟେନ୍ ତାଙ୍କ ନିଜର ସିଟ୍‌ରେ ଯାଇ ବସିଗଲେ ।

ରାଜୀବ ଚିନ୍ତା କରୁଥିଲେ ଏପରି ଗୋଟାଏ ରକ୍ତ ମାଂସର ଜୀବ କ'ଣ ସଂସାରରେ ଥାଇପାରେ ? କ୍ୟାପଟେନ୍ ରାଜୀବକୁ ଅନ୍ତିମ ବିଦାୟ ଦେଇ ତାକୁ ଜଳ ମଧ୍ୟକୁ ନିକ୍ଷେପ କଲେ । ଫୟାଜ ଯେତେବେଳେ ଜଳିପୋଡ଼ି ଗୋଟାଏ ଭସ୍ମୀଭୂତ ସ୍ତୁପ ହୋଇ ସାରିଥିଲା । ତୃତୀୟ ଦିବସରେ ଅନ୍ୟ ଗୋଟିଏ ଜାହାଜ ତାକୁ ସମୁଦ୍ର ବକ୍ଷରେ ଠାବ କଲା ଏବଂ ଆସି ପହଞ୍ଚିଗଲା । ସେତେବେଳକୁ ଫୟାଜ ଗୋଟିଏ ନିର୍ବାପିତ ଅଗ୍ନିସ୍ତୁପର ଧ୍ୱଂସାବଶେଷ । ପାଉଁଶ ହିଁ ପାଉଁଶ । ଦ୍ୱିତୀୟ ଜାହାଜଟିର କ୍ୟାପଟେନ ପ୍ରଥମେ ଫୟାଜର କ୍ୟାପଟେନକୁ ତାଙ୍କ କ୍ୟାବିନ୍‌ରେ ବସି ଜଳିପୋଡ଼ି ନିଃଶେଷ ହୋଇଥିବା ଡ଼ାନିଏଲ ପାତ୍ରଙ୍କ ଉଦ୍ଦେଶ୍ୟରେ ନିଜର ପ୍ରଣତି ଜଣାଇଲେ । ପରେ ଅନେକ ଖୋଜିବା ପରେ ଦେଖାଗଲା ଯେ, ତିନୋଟି ମୁଣ୍ଡର ଖପୁରୀ ପାଖାପାଖି ପଡ଼ିଛନ୍ତି ଏବଂ ସେମାନଙ୍କର ଆଉ ଅସ୍ଥି ବା ମାଂସର ସତ୍ତା ନାହିଁ । ଏ ତିନିଜଣ କ୍ୟାପଟେନ୍ ପାତ୍ରଙ୍କର ନିଜର ପରିବାର ସ୍ତ୍ରୀ ସ୍ମିତା, ପୁତ୍ର ନିତିନ ଏବଂ ଝିଅ ସୁଲଗ୍ନାଙ୍କ ବ୍ୟତୀତ ଆଉ କେହି ହୋଇନପାରନ୍ତି ।

ଲେଖକ ସେଇ ଅମର ଆତ୍ମାମାନଙ୍କ ଉଦ୍ଦେଶ୍ୟରେ ପ୍ରଣତି ଜଣାଇ ସଦ୍‌ଗତି ପାଇଁ ଈଶ୍ୱରଙ୍କୁ ବିନମ୍ର ପ୍ରାର୍ଥନା କରେ ଏବଂ ପ୍ରଶ୍ନ କରେ ଯେ ସେ କ'ଣ ପ୍ରକୃତରେ ସ୍ଥାଣୁ ? ହାତ ନାହିଁ, ଗୋଡ଼ ନାହିଁ, ଚାଲିପାରେନା, ମାତ୍ର ଖାଲି ଚନ୍ଦ୍ର ଓ ସୂର୍ଯ୍ୟ ପରି ଦୁଇଟି ନେତ୍ରରେ ଦେଖିପାରେ ।

***